# ଆଇଆଇଟି ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, ତା୩୧୧ (ଭୁ.ପ୍ର)– ଓଡ଼ିଶାରେ ଏକ ଆଇଆଇଟି ପ୍ରତିଷ୍ଠା ଏବଂ ଖଡ଼ଗପୁର ଆଇଆଇଟିର ଓଡ଼ିଶା କ୍ୟାମ୍ପସ ସମ୍ପ୍ରସାରଣ ପାଇଁ ତୁରନ୍ତ ମଞ୍ଜୁରୀ ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ଅନୁରୋଧ କରିଛନ୍ତି । ଏହି ମର୍ମରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ଲେଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ଦେଶରେ ତିନିଟି ଗ୍ରୀନ୍ ଫିଲ୍ଡ୍ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଆଇଆଇଟି ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ବାସ୍ତବ କ୍ଷେତ୍ରରେ ଓଡ଼ିଶା ପ୍ରଥମେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଥିଲା । କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଏମ୍.ଏମ୍ ଫାତିମ ପାଟଣାଠାରେ ଗତବର୍ଷ ଅଗଷ୍ଟ ୨୮ ତାରିଖରେ ଏ ସମ୍ପର୍କରେ ଘୋଷଣା କରିଥିଲେ; ମାତ୍ର ବର୍ତ୍ତମାନ ଶୁଣିବାକୁ ମିଳୁଛି ଯେ ଏହି ତିନିଟି ଗ୍ରୀନ୍‌ଫିଲ୍ଡ୍ ଆଇଆଇଟି ଆନ୍ଧ୍ରପ୍ରଦେଶ, ବିହାର ଏବଂ ରାଜସ୍ଥାନରେ ସ୍ଥାପିତ ହେବ । ଓଡ଼ିଶାକୁ ତାଲିକାରୁ ବାଦ୍ ଦିଆଯିବା ଅତ୍ୟନ୍ତ କ୍ଷୋଭର ବିଷୟ ଏବଂ ରାଜ୍ୟବାସୀ ଏଥିରେ ମର୍ମାହତ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ।

ରାଜ୍ୟ ସମ୍ପର୍କରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବର୍ତ୍ତମାନ ଖଣି, ଧାତୁ ଉତ୍ପାଦନ ଏବଂ ଶକ୍ତି ଉତ୍ପାଦନରେ ଦେଶର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି । ଓଡ଼ିଶାରେ ୪ଲକ୍ଷ କୋଟି ଟଙ୍କାର ପୁଞ୍ଜିବିନିଯୋଗ ପ୍ରସ୍ତାବ ଆସିଛି । ରାଜ୍ୟରେ ମଧ ବୈଷୟିକ ଶିକ୍ଷା ଡିପ୍ଲୋମା ଓ ଡିଗ୍ରୀସ୍ତରରେ ବୃଦ୍ଧି ପାଇଥିବାରୁ ଏଠାରେ ଏକ ଆଇଆଇଟି ସ୍ଥାପନର ଆବଶ୍ୟକତା ଦେଖାଦେଇଛି । ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାରେ ସର୍ବାଧିକ ଇଞ୍ଜିନିୟରିଂ କଲେଜ ରହିଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୈଷୟିକ ଶିକ୍ଷାର ପ୍ରସାରର ବହୁଳ ଆବଶ୍ୟକତା ଦୃଷ୍ଟିରୁ ଓଡ଼ିଶାରେ ଏଭଳି ଅନୁଷ୍ଠାନ ସ୍ଥାପନ କରାଯିବାର ଜରୁରୀ ଆବଶ୍ୟକତା ରହିଛି । ଓଡ଼ିଶାରେ ବିଶ୍ୱର ବୃହତ୍ କମ୍ପାନୀ ପୋସ୍କୋ, ଆର୍‌ସେଲର ମିତ୍ତଲ ଭଳି ଇସ୍ପାତ ଉଦ୍ୟୋଗ ପ୍ରତିଷ୍ଠା ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଅତି ଉଚ୍ଚ ଦକ୍ଷତାସମ୍ପନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଓଡ଼ିଶାରେ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି । ତେଣୁ ଏକ ଆଇଆଇଟି ସ୍ଥାପନ ଲାଗି ବ୍ୟକ୍ତିଗତ ଭାବେ ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି ।